To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ରୋଷେଇ ଚୁଲିରେ ଲୁହ ଗଡ଼ାଉଥିବା ମା'ର ଭାଗିଦାରୀ ହୋଇ ପାରିଛି: ମୋଦି



R.N.I. No.-42041/83 Vol-17, Issue No.33, ଭଦ୍ରକ,ରବିବାର, ୨୯, ଜୁଲାଇ ୨୦୧୮ ■ Bhadrak, Sunday, 29 July 2018 Rs. 2.00 Pages-8

# ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାର ଘୋଷଣା



- ଗାନ୍ଧି ଜୟନ୍ତୀରୁ ହେବ କାର୍ଯ୍ୟକାରୀ
- ୩୪ ଲକ୍ଷ ୪୪ ହଜାର ହିତାଧିକାରୀ ହେବେ ଉପକୃତ

ଭୁବନେଶ୍ୱର, ୨୮।୭ (ସକାଳ ଖବର): ରାଜ୍ୟରେ ଅନାହାରରେ କାହାରିକୁ ମରିବାକୁ ଦିଆଯିବ ନାହିଁ ବୋଲି ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରିବା ପାଇଁ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀ ଠାରୁ ରାଜ୍ୟ ସରକାର ନିଜସ୍ୱ ନୂତନ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି।

ସେ କହିଛନ୍ତି ଯେ ଜାତୀୟ ସୁରକ୍ଷା ଆଇନ୍ ରୁ ଯେଉଁମାନେ ବାଦ୍ ପଡିଛନ୍ତି ସେମାନଙ୍କୁ ଏକ ଟଙ୍କା ମୂଲ୍ୟରେ ରାଜ୍ୟ ସରକାର ଖାଦ୍ୟ ଶସ୍ୟ ଯୋଗାଇଦେବେ । ଏହାଦ୍ୱାରା ୩୪ ଲକ୍ଷ ୪୪ ହଜାର ଗରୀବ ହିତାଧିକାରୀ ଉପକୃତ ହୋଇପାରିବେ । ବର୍ତମାନ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ରେ ରାଜ୍ୟରେ ୩ କୋଟି ୨୪ ଲକ୍ଷ ହିତାଧିକାରୀଙ୍କୁ ଚାଉଳ ଯୋଗାଇ ଦିଆଯାଉଅଛି। ଏଥିରେ ୮୬ ଲକ୍ଷ ୮୫ ପରିବାର ଉପକୃତ ହେଉଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହଛନ୍ତି ଯେ ତାଙ୍କ ସରକାର ଖାଦ୍ୟ ସୁରକ୍ଷା ଉପରେ ଜୋର ଦେଇଆସିଛି। ,୨୦୦୮ରୁ ସାଧାରଣ ଜନତାଙ୍କ ଅର୍ଥରେ ଗରୀବ ଲୋକଙ୍କୁ କେଜି ପ୍ରତି ୨ ଟଙ୍କାରେ ଚାଉଳ ଦିଆଯାଉଥିଲା। ଏହାର ସଫଳତାକୁ ଅନୁଭବକରିବା ପରେ ୨୦୧୩ କେଜି ୧ ଟଙ୍କାରେ ଚାଉଳ ଯୋଗାଇବାକୁ ନିଷ୍ପତି ନିଆଯାଇଥିଲା। ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ସାରା ଦେଶରେ ଏହା ବଡ ପଦକ୍ଷେପ ଥିଲା। ୨୦୧୪ ନିର୍ବାଚନ ବେଳେ ତାଙ୍କ ସରକାର ନିଜେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିଶ୍ରୁତିକୁ ବର୍ତମାନ ସରକାର ପାଳନ କରିବାକୁ ଯାଉଛି। କେନ୍ଦ୍ରର ନୂଆ ଖାଦ୍ୟ ସୁରକ୍ଷା ଆଇନ୍ ରାଜ୍ୟରେ ଲାଗୁ ହେବା ପରେ ବହୁ ଗରୀବ ଲୋକ ଏଥିରେ ସାମିଲ ହୋଇପାରିନାହାନ୍ତି। ୨୦୧୧ ଜନଗଣନା ଭିତିରେ କେନ୍ଦ୍ର ସରକାର ରାସନ୍ ଯୋଗାଉଛନ୍ତି। ଏଥିପାଇଁ ରାଜ୍ୟର ଲକ୍ଷ ଲକ୍ଷ ଗରୀବ ଲୋକ ଏଅହି ସୁବିଧା ପାଇପାରୁନାହାନ୍ତି। ଏସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ବହୁବାର ଚିଠି ଲେଖିଥିଲେ ହେଁ ଏପର୍ଯ୍ୟନ୍ତ ତାହା ଉପରେ କୌଣସି ବିଚାର କରାଯାଇ ନାହିଁ। ତେଣୁ ରାଜ୍ୟ ସରକାର ନୂତନ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଆରମ୍ଭ କରିବାକୁ ନିଷ୍ପତି ନେଇଛନ୍ତି। ଜଣେ ବି ଗରୀବ ଲୋକକୁ ଖଶଦ୍ୟ ସୁରକ୍ଷା ଯୋଜନାରୁ ବଂଚିତ ହେବକୁ ଦିଆଯିବ ନାହିଁ। ତାଙ୍କ ସରକାର କାମ ଓ ଲୋକ କଲ୍ୟାଣ କାର୍ଯ୍ୟକ୍ରମରେ ବିଶ୍ୱାସ କରେ। ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବାକୁ ଯାଉଥିବାରୁ ବ୍ୟକ୍ତିଗତ ଭାବରେ ସେ ଖୁସି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ରାଜ୍ୟବାସୀଙ୍କ (ପୃଷ୍ଠା-୭)

# ୫୦୦ ଫୁଟ୍ ଖାତକୁ ଖସି ପଡିଲା ବସ୍
# ୩୩ ମୃତ



ମହାବଳେଶ୍ୱର,୨୮।୭ : ମହାରାଷ୍ଟ୍ରର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ମହାବଳେଶ୍ୱରରେ ଏକ ବସ ଭୟାନକ ଦୁର୍ଘଟଣାର ଶିକାର ହୋଇଛି । ବସଟି ୫୦୦ ଫୁଟ ଗଭୀର ଖାତକୁ ଖସି ପଡିବାରୁ ୩୩ ଜଣଙ୍କର ମୃତ୍ୟୁ ଘଟିଛି । ୩୪ ଜଣକୁ ନେଇ ବସଟି ପିକନିକ୍ ପାଇଁ ଯାଉଥିଲା । ଏହି ମର୍ମନ୍ତୁଦ ଦୁର୍ଘଟଣାରେ କେବଳ ଜଣେ ବ୍ୟକ୍ତି ଜୀବିତ ରହିଛନ୍ତି । ଏହି ଘଟଣା ଶନିବାର ସକାଳେ ଘଟିଛି । ମିଳିଥିବା ସୂଚନା ମୁତାବକ ମହାରାଷ୍ଟ୍ରର ରାୟଗଡ ଜିଲ୍ଲାର ପୋଲାଦପୁରରୁ ପ୍ରାୟ ୨୨ କିମି ଦୂର ଦାଭିବ ହାବ ନିକଟରେ ବସଟି ଦୁର୍ଘଟଣାର ଶିକାର ହୋଇଛି । ରାୟଗଡା ଜିଲ୍ଲା କଲେକ୍ଟର ବିଜୟ ସୂର୍ଯ୍ୟବଂଶୀ ଘଟଣା ବିଷୟରେ ସୂଚନା (ପୃଷ୍ଠା-୭)

## ଆଇ.ପି.ଏସ ସ୍ତରରେ ଅଦଳବଦଳ
# ସତ୍ୟଜିତ ମହାନ୍ତି ହେଲେ ପୋଲିସ୍ କମିଶନର

## ପଣ୍ଡିତ ରାଜେଶ ଉତ୍ତମରାଓ ଭଦ୍ରକ ଏସ୍‌ପି



ଭୁବନେଶ୍ୱର, ୨୮।୭ (ସକାଳ ଖବର): ରାଜ୍ୟ ସରକାର ଆଇ.ପି.ଏସ କ୍ୟାଡ଼ରରେ ଏକ ମଧ୍ୟମ ଧରଣର ଅଦଳ ବଦଳ କରିଛନ୍ତି । ରାଜ୍ୟ ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ପୋଲିସ ପ୍ରଭିଜନିଂରେ ଅତିରିକ୍ତ ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତିଙ୍କୁ ଭୁବନେଶ୍ୱର-କଟକ ଦ୍ୱୈତ ନଗରୀର ପୋଲିସ କମିଶନର ଭାବେ ଅବସ୍ଥାପିତ କରାଯାଇଛି । ଏହି ପୋଲିସ କମିଶନର ପଦବୀରେ ଥିବା ୱାଇ ବି ଖୁରାନିଆଙ୍କୁ ସତ୍ୟଜିତ ମହାନ୍ତିଙ୍କ ପଦବୀରେ ନିଯୁକ୍ତି ଦିଆଯାଇଛି । ରାଜ୍ୟ ସଶସ୍ତ୍ର ବାହିନୀର ଆଇ.ଜି. ସଂଜୀବ ପଣ୍ଡାଙ୍କୁ ରାଜ୍ୟ ପରିବହନ କମିଶନର ଭାବେ ଅବସ୍ଥାପିତ କରାଯାଇଥିଲା ବେଳେ ଆଇନଶୃଙ୍ଖଳା ଦାୟିତ୍ୱରେ ରହିଥିବା ପୋଲିସ ଆଇ.ଜି. ଅମିତାଭ ଠାକୁରଙ୍କୁ ଶ୍ରୀ ପଣ୍ଡାଙ୍କର ପଦବୀରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେହିପରି କ୍ରାଇମବ୍ରାଞ୍ଚ ଏସପି ଆଇପିଏସ୍ ପଣ୍ଡିତ ରାଜେଶ ଉତ୍ତମରାଓଙ୍କୁ ଭଦ୍ରକ ଜିଲ୍ଲା ଏସପି ଭାବେ ବଦଳି କରାଯାଇଛି । ଏହି ଜିଲ୍ଲାରେ ଏସ.ପି. ଭାବେ ରହିଥିବା ବାଟୁଲା ଗଙ୍ଗାଧରଙ୍କୁ କଳାହାଣ୍ଡି ଏସ.ପି.ଭାବେ ଏବଂ ମାଡ଼କା ସନ୍ଦୀପ ସମ୍ପତଙ୍କୁ ଏସ.ପି. କଳାହାଣ୍ଡିଙ୍କୁ ସି.ଆଇ.ଡ଼ି ଏସ.ପି. ଭାବେ ନିଯୁକ୍ତି ଦିଆଯାଇଛି । ଏହା ବ୍ୟତୀତ ଭୁବନେଶ୍ୱରର ଅତିରିକ୍ତ ଡିସିପି ଶଶୀଭୂଷଣ ଶତପଥିଙ୍କୁ ନୟାଗଡ଼ର ଜିଲ୍ଲା ଏସ.ପି. ଭାବେ ନିଯୁକ୍ତି ଦିଆଯାଇଛି । ବଣେଇର ଅତିରିକ୍ତ ଏସ.ପି. ଦେବୀ ପ୍ରସାଦ ଦାସଙ୍କୁ ସୋନପୁର ଜିଲ୍ଲାର ଭାରପ୍ରାପ୍ତ ଏସ.ପି ଭାବେ ଅବସ୍ଥାପିତ କରାଯାଇଛି ।

# ଇସ୍କନରେ ଜବରଦଖଲ ଉଚ୍ଛେଦ ବେଳେ ଖଣ୍ଡଯୁଦ୍ଧ



ଭୁବନେଶ୍ୱର, ୨୮।୭ (ସକାଳ ଖବର): ନୂଆପଲ୍ଲୀ ସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଇସ୍କନ ମନ୍ଦିର ପରିସରରୁ ଜବରଦଖଲ ଉଚ୍ଛେଦ ହୋଇଛି। ବିଏମସି ଓ ବିଡିଏର ମିଳିତ ଉଦ୍ୟମରେ ଏହି ଉଚ୍ଛେଦ କରାଯିଥିଲା। ତେବେ ଇସ୍କନ ଧର୍ମଗୁରୁଙ୍କ ସମାଧି ପୀଠକୁ ଉଚ୍ଛେଦ ସମୟରେ ଅନୁଗାମୀ ମାନେ ଏହାକୁ ବିରୋଧ କରିଥିଲେ ଏବଂ ପୋଲିସ୍ ଓ ଅନୁଗାମୀଙ୍କ ମଧ୍ୟରେ ଠେଲାପେଲା ଓ ପରେ ଖଣ୍ଡଯୁଦ୍ଧରେ ପରିଣତ ହୋଇଥିଲା। ଉପସ୍ଥିତ ଜନସାଧାରଣ ଅନୁଗାମୀଙ୍କ ଉପରକୁ ଢେଲା ପଥର ଫୋପାଡିବା ଓ ପୋଲିସ୍ ଲାଠି ଚାଳନା କରିବା ନେଇ ଖଣ୍ଡଯୁଦ୍ଧ ହୋଇଥିଲା। ଶନିବାର ପୂର୍ବାହ୍ନ ୯ଟା ବେଳେ ପୂର୍ବରୁ ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ବିଏମସିର ସେଂଟ୍ରାଲ ଏନଫୋର୍ସମେଂଟ କମିଟି ଓ ବିଡିଏର ଏନଫୋର୍ସମେଂଟ ସ୍କ୍ୱାର୍ଡ ପକ୍ଷରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଇନ ଶୃଙ୍ଖଳା ପାଇଁ ୨ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଓ ୩ ଟି ଏସସିବି ନିୟୋଜିତ କରାଯାଇଥିଲା। ଅନ୍ୟପକ୍ଷରେ ଗତ ୨୫ ତାରିଖରେ ଜବରଦଖଲ ଉଚ୍ଛେଦ ପାଇଁ ଇସ୍କନକୁ ନୋଟିସ୍ ଜାରୀ କରାଯାଇଥିଲା। ଏହା ପୂର୍ବରୁ ୨୦୧୫ରେ ମଧ୍ୟ ଇସ୍କନ ରେ ଉଚ୍ଛେଦ କରାଯାଇଥିଲା। ତେବେ ସେତେବେଳେ ଏହି କାର୍ଯ୍ୟ ଅସମାପ୍ତ ରହିଥିଲା। ବିଏମସି ଓ ବିଡିଏ କର୍ମଚାରୀ ମାନେ ସମାଧି ପୀଠକୁ ଭାଙ୍ଗିବା ପାଇଁ ଗଲାବେଳେ ଅନୁଗାମୀ ଓ ଭକ୍ତ ମାନେ ଘେରି ରହିଥିଲେ ଏବଂ ଉଚ୍ଛେଦ କାର୍ଯ୍ୟକୁ କରାଇ ଦେଇନଥିଲେ । ପୋଲିସ୍ ବାଧ୍ୟ ହୋଇ ସେମାନଙ୍କୁ ଜବରଦସ୍ତି ଉଠାଇଥିଲା। ଜନସାଧାରଣ ଆଡୁ ଟେକା ପଥର ଫିଙ୍ଗାଯାଇଥିଲା। ପୋଲିସ୍ ସେମାନଙ୍କୁ ଘଉଡାଇବା ବେଳେ ଘଟଣାସ୍ଥଳରେ ଖଣ୍ଡଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା।ଜବରଦଖଲକୁ ବିରୋଧ କରି ଇସ୍କନ ଭକ୍ତ ଓ ଅନୁଗାମୀମାନେ ଅଭିନବ ଉପାୟରେ କୀର୍ତନ ମାଧ୍ୟମରେ ପ୍ରତିବାଦ କରିଥିଲେ । ତେବେ ଅଧିକାରୀ ମାନେ ସମାଧିସ୍ଥଳ ଭାଙ୍ଗିଥିଲେ। ଇସ୍କନ ସମେତ ସେଠାରେ ଥିବା ଏକ ସପିଂ ମଲର ବେଆଇନ୍ ପାର୍କିଂ କୁ ମଧ୍ୟ ହଟାଯାଇଥିଲା। ମଠର ଜଣେ ମହନ୍ତ କହିଛନ୍ତି ଯେ ବିଡିଏ ପକ୍ଷରୁ ଦିଆଯାଇଥିବା ନୋଟିସ୍ ଆମର ହସ୍ତଗତ ହୋଇଥିଲା । ଉଚ୍ଛେଦ କରିବା ପୂର୍ବରୁ ଆମେ କିଛି ସମୟ ମାଗିଥିଲୁ । କିନ୍ତୁ ଆମକୁ ଦିଆଗଲା ନାହିଁ । ଉଚ୍ଛେଦ ସମୟରେ ଶହ ଶହ ସଂଖ୍ୟାରେ ଲୋକେ ଓଭରବ୍ରିଜ୍ ଉପରେ ଓ ତଳେ ଉପସ୍ଥିତଥିଲେ । ଅପରପକ୍ଷରେ (ପୃଷ୍ଠା-୭)

# ଅଗଷ୍ଟ ୧୬ରେ ଓଡିଶା ଆସିବେ ଉପରାଷ୍ଟ୍ରପତି



ଭୁବନେଶ୍ୱର, ୨୮।୭ (ସକାଳ ଖବର): ଆସନ୍ତା ଅଗଷ୍ଟ ୧୬ ତାରିଖରେ ଭାରତର ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ଦିନିକିଆ ଓଡିଶା ଗସ୍ତରେ ଆସିବେ। ରାଜ୍ୟ ସ୍ୱରାଷ୍ଟ୍ର ବିଭାଗ ପ୍ରମୁଖ ସଚିବ ଅସିତ୍ ତ୍ରିପାଠୀଏହି ସୂଚନା ଦେଇଛନ୍ତି। ଉପରାଷ୍ଟ୍ରପତିଙ୍କ ସୁରକ୍ଷା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଲିସ୍ ମହାନିର୍ଦ୍ଦେଶକଙ୍କ ସମେତ ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ଓ ବରିଷ୍ଠ ପୋଲିସ୍ ଅଧିକାରୀମାନେ ଉପସ୍ଥିତ ଥିଲେ । ଉପରାଷ୍ଟ୍ରପତି ଭୁବନେଶ୍ୱର ଏମସ୍ ର ବାର୍ଷିକ ସମାବର୍ତନ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୧୬ ତାରିଖ ସକାଳ ୮ଟାରେ ଉପରାଷ୍ଟ୍ରପତି ଦିଲ୍ଲୀ ବିମାନବନ୍ଦରରୁ ବାହାରିବେ। ୧୦ଟାରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିବା ପରେ ତାଙ୍କୁ ସେଠାରେ ସ୍ୱାଗତ କରାଯିବ। (ପୃଷ୍ଠା-୭)



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।



ହୁଣ୍ଡିର ଆୟ (୨୭.୭.୧୮)
୨,୨୫,୮୯୯

# ବାଲିଗୁଡ଼ାର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର ଓ ବ୍ୟାନର

କନ୍ଧମାଳ, ୨୮।୭ (ସକାଳ ଖବର): ଜୁଲାଇ ୨୮ତାରିଖରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓ ସଂଗଠନ ତରଫରୁ ସହିଦ୍ ସପ୍ତାହ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବାଲିଗୁଡ଼ା ଥାନା ଅନ୍ତର୍ଗତ ବାଟାଗୁଡ଼ା ପଂଚାୟତର ମିଡ଼ିଆପାଙ୍ଗା ଓ ଖମଣଖୋଲରେ ମାଓ ବ୍ୟାନର ଓ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି । ଏହି ବ୍ୟାନର ଓ ପୋଷ୍ଟର ଗୁଡିକୁ ଭା.କ.ପା ମାଓବାଦୀ ସଂଗଠନ ତରଫରୁ ଜାରୀ କରାଯାଇଥିବା ବ୍ୟାନର ଓ ପୋଷ୍ଟରରେ ଉଲ୍ଲେଖ ରହିଛି । ଏହି ବ୍ୟାନରରେ ସହିଦଙ୍କୁ ଲାଲ୍ ସଲାମ୍ ଜଣାଇବା ସହ ଗାଁ ଗାଁରେ ଯୁବକ ଯୁବତୀ ପିଏଲଜିଏ ରେ ସାମିଲ ହୋଇ ଫାଶିବାଦ ଦମନ ଅଭିଯାନ ଗ୍ରୀନହଣ୍ଟକୁ ପରାସ୍ତ କରନ୍ତୁ ବୋଲି ଉଲ୍ଲେଖ ରହିଛି । ସହିଦଙ୍କ ସ୍ୱପ୍ନକୁ ପୁରା କରିବାକୁ ଆହ୍ୱାନ ଦିଆଯାଇଛି ପୋଷ୍ଟର ମାଧ୍ୟମରେ । ନୂଆ ଗଣତାନ୍ତ୍ରିକ ବିପ୍ଳବ ଜିନ୍ଦାବାଦ୍, ମାର୍କ୍ସବାଦ୍-ଲେଲିନବାଦ୍-ମାଓବାଦ୍ ଜିନ୍ଦାବାଦ, ବିଶ୍ୱ ସମାଜବାଦୀ ବିପ୍ଳବ ଜିନ୍ଦାବାଦ ଲେଖାଥିବାସହ ଓଡ଼ିଶା ରାଜ୍ୟ କମିଟି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ପୋଷ୍ଟରରେ ଉଲ୍ଲେଖଥିବା ଦେଖିବାକୁ ମିଳିଛି ।
ଅନ୍ୟପକ୍ଷରେ ମାଓବାଦୀଙ୍କ ସହିଦ୍ ସପ୍ତାହ ପାଳନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି (ପୃଷ୍ଠା-୭)



ବିଶ୍ୱର ସବୁଠୁ ଉନ୍ନତ ଟେକ୍ନୋଲୋଜିରେ ନିର୍ମିତ ଆପାଚି ଏଏଚ୍-୬୪ଇ ହେଲିକପ୍ଟର ଖୁବଶୀଘ୍ର ଭାରତୀୟ ବାୟୁସେନାରେ ସାମିଲ ହେବାକୁ ଯାଉଛି

# ମହାକାଳପଡାରେ ହେବ ନଦୀଭିତ୍ତିକ ବନ୍ଦର

ଭୁବନେଶ୍ୱର,୨୮।୭ (ସକାଳ ଖବର): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ୍ ଅନ୍ତର୍ଗତ ଆଖଡାଶାଳି ଗ୍ରାମର ମହାନଦୀ କୂଳରେ ଏକ ନଦୀ ଭିତିକ ବନ୍ଦର ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ଜାନୁଆରୀ ୧୯ ସୁଦ୍ଧା ଏହାର କାମ ଆରମ୍ଭ ହେବ । ସରକାର ଓ ଘରୋଇ ଉଦ୍ୟୋଗର ସହଭାଗୀତାରେ ବୁଷ୍ଟ ଆଧାରରେ ଏହି ବନ୍ଦର ପ୍ରତିଷ୍ଠା କରଯାଇଛି ।୨ ଟି ପର୍ଯ୍ୟାୟରେ ଏହି ବନ୍ଦର ନିର୍ମାଣ କରାଯିବ । ପ୍ରଥମ ପର୍ଯ୍ୟାୟରେ ୧୭୫ ହେକ୍ଟର ଜମିରେ ୨୧୧୦ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୧୮.୪୩ ମିଲିୟନ ଟନ୍ ପଣ୍ୟ କାରବାର ପାଇଁ ୨ଟି ବର୍ଥ ତଥା ଏହାର ଆନୁସଙ୍ଗିକ ଭିତିମୂମି ନିର୍ମାଣ କରାଯିବ । ଏହି ନଦୀ ଭିତିକ ବନ୍ଦରକୁ ଜାତୀୟ ରାଜପଥ ୫ କ ଏବଂ ହରିଦାସପୁର-ପାରାଦ୍ୱୀପ ରେଳପଥକୁ ପଣ୍ୟ ପରିବହନ ପାଇଁ ସଂଯୋଗ କରାଯିବ । ଏହି ବନ୍ଦର ପ୍ରତିଷ୍ଠା ହେଲେ ପ୍ରଥମ ପର୍ଯ୍ୟାୟରେ ୪୩୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଉକ୍ତ ବନ୍ଦରର ପଣ୍ୟ କାରବାର କ୍ଷମତା ବାର୍ଷିକ ୧୮.୪୩ ମିଲିୟନ୍ ଟନ୍ ରୁ ୪୫.୮୮ ମିଲିୟନ ଟନକୁ ବୃଦ୍ଧି କରାଯିବ। ଏଥିପାଇଁ ଆଉ ୧୨୫ ହେକ୍ଟର ଜମି ଆବଶ୍ୟକ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ୧୦,୭୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି। ଏଥିପାଇଁ ଉନ୍ନୟନକାର ସଂସ୍ଥା ଚୟନ ନିମିତ ଯେଉଁ ରିକ୍ୱେଷ୍ଟ ଫର କ୍ୟାଲିଫିକେସନ୍ (ଆରଏଫକ୍ୟୁ) ଡକାଯାଇଥିଲା ସେହି ଆଧାରରେ ୪ଟି ସଂସ୍ଥା ଆବେଦନ କରିଛନ୍ତି। ସେମାନଙ୍କୁ ରିକ୍ୱେଷ୍ଟ ଫର ପ୍ରପୋଜାଲ ଦେବାକୁ ଓ ଠିଆରଏଫପି /କନସେସନ୍ ଏଗ୍ରିମେଂଟ/ ଲ୍ୟାଣ୍ଡ ଲିଜ୍ ଏଗ୍ରୀମେଂଟ ଉପରେ ନୀତିଗତ ନିଷ୍ପତି ନେବା ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ଅଧ୍ୟକ୍ଷତାରେ ହାଇ ଲେଭଲ କ୍ଲିୟରାନ୍ସ ଅଥରିଟି ବୈଠକ ଡକାଯାଇଥିଲା ଉକ୍ତ ବୈଠକରେ ୪ଟି ଆବେଦନକାରୀ ସଂସ୍ଥାକୁ ଅନୁମୋଦନ ଦେବାପାଇଁ ନିଷ୍ପତି ନିଆଯାଇଛି।

# ମେହବୁବାଙ୍କ ବିଚ୍ଛିନ୍ନତାବାଦୀ ପ୍ରୀତି



ଶ୍ରୀନଗର, ୨୮।୭ : ପିଡିପି ସୁପ୍ରିମୋ ତଥା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି ଆଜି ଉପତ୍ୟକାରେ ଅଶାନ୍ତି ସୃଷ୍ଟି କରୁଥିବା ବିଚ୍ଛିନ୍ନତାବାଦୀ ଓ ପାକିସ୍ତାନର ଭାବି ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସପକ୍ଷରେ ଓକିଲାତି କରିଛନ୍ତି । ନିକଟରେ ପିଡିପିଠାରୁ ବିଜେପି ସମର୍ଥନ ପ୍ରତ୍ୟାହାର କରି ନେବାରୁ ମେହବୁବା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଆଜି ମେହବୁବା ସିଧାସଳଖ ବିଜେପି ଉପରେ ହମ୍‌ଲା କରି କହିଛନ୍ତି, ଜମ୍ମୁ-କଶ୍ମୀର ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜେପି ସହ ସମ୍ପର୍କ ଛିନ୍ନ କରାଯାଇଛି । କଶ୍ମୀରରେ ଶାନ୍ତି ସ୍ଥାପନ କରିବାକୁ ହେଲେ ବିଚ୍ଛିନ୍ନତାବାଦୀ ନେତାଙ୍କ ପ୍ରତି ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର କୋହଳ ମନୋଭାବ ପୋଷଣ କରିବା ଦରକାର । ସେମାନଙ୍କ ସହ ଆଲୋଚନା କରି ସମସ୍ୟା ସାମାଧନ କରିବାକୁ କେନ୍ଦ୍ର ସରକାର ପ୍ରକ୍ରିୟା ଆରମ୍ଭ କରିବା ଉଚିତ୍ । ଏଥିସହ ପାକ୍‌ର ଭାବି ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାକୁ ଭାରତ ସରକାର ସକାରାତ୍ମକ ଭାବେ ଗ୍ରହଣ କରିବାକୁ ମେହବୁବା ମତ ଦେଇଛନ୍ତି । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପରାମର୍ଶ ଦେଇ (ପୃଷ୍ଠା-୭)

49

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick